# ଗ୍ରାମୀଣ କୃଷି ମୌସମ ସେବା

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର
ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)

ପତ୍ରିକା ସଂଖ୍ୟା-୩୨/୨୪

## ଜିଲ୍ଲା-ଯାଜପୁର

ତା.୧୯.୦୪.୨୦୨୪

**ପାଣିପାଗ ପୂର୍ବାନୁମାନ (ତା.୨୪.୦୪.୨୦୨୪ ପର୍ଯ୍ୟନ୍ତ)-:** ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ,**ଜିଲ୍ଲାରେ ପ୍ରଥମ ୨ ଦିନ ପାଗ ମୁଖ୍ୟତ ଶୁଖିଲା ରହିବା ସହ ଶେଷ ୩ ଦିନ ହାଲୁକା ବର୍ଷା ହେବାର ସମ୍ଭାବନା ଅଛି ।** ପବନର ବେଗ ୧୨-୧୫ କିମି / ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି | ସର୍ବାଧିକ ତାପମାତ୍ରା ଏବଂ ସର୍ବନିମ୍ନ ତାପମାତ୍ରା ଆସନ୍ତା ପାଞ୍ଚ ଦିନ ପାଇଁ ଯଥାକ୍ରମେ ୩୭-୪୨° C ଏବଂ ୨୪-୨୭ ° C ରହିବାର ସମ୍ଭାବନା ରହିଛି |

| DISTRICT | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| JAJPUR | 20-04-2024 | 0 | 42 | 26 | 0 | 83 | 11 | 13 | 202 |
| | 21-04-2024 | 0 | 42 | 26 | 1 | 83 | 19 | 15 | 202 |
| | 22-04-2024 | 5 | 40 | 25 | 6 | 75 | 17 | 13 | 202 |
| | 23-04-2024 | 10 | 38 | 24 | 7 | 29 | 13 | 12 | 248 |
| | 24-04-2024 | 5 | 37 | 24 | 6 | 55 | 15 | 12 | 248 |

## ପାଣିପାଗଭିତ୍ତିକ କୃଷି ଓ ପଶୁପାଳନ ଉପଦେଶ

| ସାଧାରଣ ଉପଦେଶ | • ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର, ପୂର୍ବାନୁମାନ ଅନୁଯାୟୀ ଶୁଖିଲା ପାଗରୁ ଅତି ହାଲୁକା ବର୍ଷା ହେବାର ସମ୍ଭାବନା ଅଛି ,କୃଷକମାନଙ୍କୁ ଆବଶ୍ୟକ ଅନୁସାରେ ଜଳସେଚନ କରିବାକୁ ପରାମର୍ଶ ଦିଆଯାଇଛି ।<br>• ବର୍ତ୍ତମାନ ପୋକ ଏବଂ ରୋଗ ଲାଗିବାର ସମ୍ଭାବନା ଅଛି, ତେଣୁ କୃଷକମାନେ ନିୟମିତ ଭାବେ କ୍ଷେତର ତଦାରଖ କରନ୍ତୁ । କୃଷକମାନେ ଜଳବନ୍ଦୀ ଅବସ୍ଥାରେ ସାର ପ୍ରୟୋଗ କରନ୍ତୁ ଏବଂ କୀଟନାଶକ ପ୍ରୟୋଗ କାର୍ଯ୍ୟ ଜାରି ରଖନ୍ତୁ । | |
|---|---|---|
| **ଫସଲର ନାମ** | **ଫସଲର ଅବସ୍ଥା** | **ପାଣିପାଗ ଭିତ୍ତିକ ପରାମର୍ଶ** |
| ଖରାଟିଆ ଧାନ | କେଣ୍ଡା ବାହାରିବା/ ଫୁଲଧରିବା ଅବସ୍ଥା | • ଧାନର ପ୍ରମୁଖ ପର୍ଯ୍ୟାୟ ଯଥା କେଣ୍ଡା ବାହାରିବ /ଫୁଲ ଅବସ୍ଥାରେ ଆବଶ୍ୟକୀୟ ଜଳସ୍ତର ବଜାୟ ରଖନ୍ତୁ \|<br>• ଯଦି ଫସଲରେ କେଣ୍ଡା ବାହାରିବ ଆରମ୍ଭ ହେବାର ଦେଖାଯାଏ ଏକର ପ୍ରତି ୩୫ kg urea ଏବଂ ୧୦ kg MOP କୁ କ୍ଷେତରେ ପ୍ରୟୋଗ କରନ୍ତୁ।<br>• ଧାନ ଫସଲରେ ହଳଦିଆ କାଣ୍ଡ ବିନ୍ଧା ପୋକର ପ୍ରାଦୁର୍ଭାବ ବୃଦ୍ଧି ପାଇଛି।ଏହାର ନିରାକରଣ ପାଇଁ ଏକର ପ୍ରତି ୪ କେଜି Rynaxypyr ୦.୪ G ଅଥବା ୮ kg Fipronil ୦.୩ G କିମ୍ବା ଫ୍ଲୁବେଣ୍ଡିଆମାଇଡ 0.7 G 5 KG/ଏକର କୁ କ୍ଷେତରେ ପାଣିବାନ୍ଧି (୨-୩ ସେଣ୍ଟିମିଟର ପାଣିରଖି) ପ୍ରୟୋଗ କରନ୍ତୁ।<br>• ଧାନ ମହିଷା ରୋଗ ନିୟନ୍ତ୍ରଣ ପାଇଁ (ଟେବୁକୋନାଜୋଲ 50%+ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ 25% ଡବ୍ଲ୍ୟୁଜି)@ 80 ଗ୍ରାମ/ଏକରରେ ପ୍ରୟୋଗ କରନ୍ତୁ। |
| ମୁଗ | ଫଳ ଅବସ୍ଥା | • ଖରାଟିଆ ମୁଗ ଫସଲରେ ଛୁଇଁ ବିନ୍ଧା ର ପରିଚାଳନା ପାଇଁ ଏକର ପିଛା ଏମାମେକ୍ଟିନ୍ ବେନଜୋଏଟ୍ @ 80g କିମ୍ବା ପ୍ରୋଫେନୋଫୋସ୍ @ 400 ମିଲି ସ୍ପ୍ରେ କରନ୍ତୁ। |
| ସୂର୍ଯ୍ୟମୁଖୀ | ଫୁଲ ଅବସ୍ଥା/ପାକଳ ଅବସ୍ଥା | • ଯଦି ସୂର୍ଯ୍ୟମୁଖୀ ଫୁଲ ପରିପକ୍ୱ ହୁଏ ଅମଳ କରନ୍ତୁ ଏବଂ ସୂର୍ଯ୍ୟକିରଣ ତଳେ ଶୁଖାନ୍ତୁ \|<br>• ଯିଦି ଫସଲ ବିହନ ଭରିବା ପର୍ଯ୍ୟାୟରେ ଅଛି , ତେବେ ଟିଆ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଗୋଷ୍ଠୀ ଭିତ୍ତିକ ଉଦ୍ୟମ ଗ୍ରହଣ କରନ୍ତୁ \| |
| ଆଖୁ | ଫୁଲ ଅବସ୍ଥା | ଯେହେତୁ ଗ୍ରୀଷ୍ମ ଋତୁ ଆରମ୍ଭ ହୋଇଛି **ଆଖୁ** ଫସଲକୁ ଉପଯୁକ୍ତ ସମୟ ବ୍ୟବଧାନରେ ଜଳସେଚନ ଦିଆଯିବା ଉଚିତ୍ \| ବିକଳ୍ପ ଧାଡିଗୁଡିକୁ ଜଳସେଚନ କରନ୍ତୁ ଏବଂ ଆଖୁ ଆବର୍ଜନାକୁ ମଲଚିଂ |

| | | |
|---|---|---|
| | | ଭାବରେ ପ୍ରୟୋଗ କରନ୍ତୁ ।ଆଖୁରେ ସଅଁଳ କାଣ୍ଡ ବିନ୍ଧାପୋକ ଦୃଷ୍ଟିଗୋଚର ହେଲେ Fipronil ୫SC@ ୪୦୦ମିଲି/ଏକର ପତ୍ର ସିଂଚନ କରନ୍ତୁ । |
| **ପନିପରିବା** | **ଫୁଲ ଏବଂ ଫଳ ଅବସ୍ଥା** | ❖ **ବାଇଗଣ,ଭେଣ୍ଡି** ଏବଂ **ଟମାଟ** ଫସଲରେ ଫଳବିନ୍ଧା ପୋକର ଦମନ ପାଇଁ ୧ ଲିଟର ପାଣି ପ୍ରତି ୮୦ ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୭୦ ମି.ଲି. ସ୍ପିନୋସାଡ କିମ୍ବା Thiachloprid @୨୫୦ମିଲି /ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।<br>❖ **ବାଇଗଣ ଓ ଟମାଟ** ଫସଲରେ ଝାଉଂଳା କିମ୍ବା ଆଂଶିକ ଝାଉଂଳା ରୋଗ ଦେଖାଗଲେ ଆକ୍ରାନ୍ତ ଗଛ କୁ ଓପାଡି ଦିଅନ୍ତୁ ଓ ଗଛ ମୂଳରେ ନିମ୍ବ କିମ୍ବା କରଞ୍ଜ ପିଡିଆ ପ୍ରୟୋଗ କରନ୍ତୁ । ପ୍ରତି ଲିଟର ପାଣିରେ ୧ ମି.ଲି. କବକ ନାଶକ ଟେବୁକୋନାଜୋଲ କୁ ମିଶାଇ ଗଛ ମୂଳ ଓ ପତ୍ରକୁ ସିଂଚନ କରନ୍ତୁ । |
| **ଆମ୍ବ** | **ବଉଳ ଅବସ୍ଥା** | ❖ ଆମ୍ବ ଡାହାଣୀ ଓ ଦହିଆ ପୋକ ଦେଖାଗଲେ Thiamethoxam ୦.୪ ଗ୍ରା/ଲିଟର କିମ୍ବା Lambda Cyahalothrin 4.9 CS @1.25 ମିଲି /ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |
| **ପଶୁପାଳନ** | | ଗରମ ଏବଂ ଆର୍ଦ୍ର ପାଣିପାଗ ଅବସ୍ଥାରେ ଗୋରୁ ଓ ଛେଳି ଙ୍କୁ ଛାଇ ସ୍ଥାନରେ ରଖ ନ୍ତୁ ଏବଂ ସେମାନଙ୍କୁ ଥଣ୍ଡା, ନିର୍ମଳ ଏବଂ ଶୁଦ୍ଧ ଜଳ ଯୋଗାନ୍ତୁ \| |

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ତାରା , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା , ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)